ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&H (OD)/1381/03-03-2021

# ବୟନଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ତା.୦୩/୦୩/୨୦୨୧

ଦୀର୍ଘ ୩୭ ବର୍ଷର ଚାକିରି ଜୀବନ ପରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ଦେବରାଜ ସାହୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଲୋହିଆ ଏକାଡେମୀଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ବୟନଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜ୍ୟୋତିପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱରର ଉପନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

୧୯୮୯ରୁ ୨୦୦୯ ପର୍ଯ୍ୟନ୍ତ ବୈଷୟିକ ଅଧିକାରୀ ଭାବେ, ତା'ପରେ ବୟନିକାର ସାଧାରଣ ପରିଚାଳକ ତଥା ସଂପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ବୟନିକାର କ୍ୱାଲିଟି କଣ୍ଟ୍ରୋଲ୍ ସେଲ୍ ଗଠନ, କୋଟପାଡ଼ ହସ୍ତତନ୍ତ ବସ୍ତ୍ରକୁ ନିଜ ଜ୍ଞାନକୌଶଳରେ ଭୌଗୋଳିକ ସୂଚକ ଭାବେ ପଂଜୀକୃତ କରାଇଥିଲେ । ବୁଣାକାରମାନଙ୍କ ସୁବିଧା ଅସୁବିଧାରେ ବୁଝିବା ସହିତ ଶ୍ରୀ ସାହୁ ଜଣେ ସରଳ ଅମାୟିକ ସଚ୍ଚୋଟ, ନିଷ୍ପାପର, ସର୍ବୋପରି ବୁଣାକାରଙ୍କ ଦରଦୀ ବନ୍ଧୁ ଥିଲେ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ